## ୨ ଚୋରି ମାମଲାରେ ୪ ଗିରଫ

ସୁନ୍ଦରଗଡ,(ଡି.ଏନ୍.ଏ.): ସୁନ୍ଦରଗଡ ଜିଲା ହେମଗିର ଥାନା ପୋଲିସ ୨ଟି ଚୋରି ମାମଲାରେ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏମାନେ ହେଲେ ହେମଗିରର ସୁରେନ୍ଦ୍ର ପଟେଲ, ଝାରୁ ନାଏକ, ରଘୁ ବାଗ୍ ଓ କମଲ ନାଏକ। ଅଭିଯୁକ୍ତମାନଙ୍କ ନିକଟରୁ ୩ଟି ପାଣିପମ୍ପ ସହ ପାଇପ୍, ବିଦ୍ୟୁତ୍ ତାର, ଏଲଇଡି ଟିଭି ପୋଲିସ ଜବତ କରିଛି। ଗତ ୧୯ ତାରିଖରେ ହେମଗିର ଅଞ୍ଚଳରେ ଘଟିଥିବା ୨ଟି ଚୋରି ମାମଲାରେ ଏମାନେ ସଂପୃକ୍ତ ଥିବା ପୋଲିସ କହିଛି।

# ନଦୀକୂଳକୁ ଡମ୍ପିଂୟାର୍ଡ କରିଦେଲେ

**ସୋନପୁର,୩।୧୦(ନି.ପ୍ର.)**

### କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ମାମଲା



ତେଲନଦୀ କୂଳରେ ସହରର ଆବର୍ଜନା ଓ ବର୍ଜ୍ୟବସ୍ତୁ ଗଦା ହୋଇ ରହିଛି ।

ସୁବର୍ଣ୍ଣପୁର ସହରର ଡମ୍ପିଂ ୟାର୍ଡ ପାଲଟିଛି ତେଲ ନଦୀକୂଳ। ପ୍ରତିଦିନ ଟନ୍‌ଟନ୍ ବର୍ଜ୍ୟବସ୍ତୁ ମ୍ୟୁନିସିପାଲିଟି ପକ୍ଷରୁ ଏଠାରେ ପକାଯିବା ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏବେ ତେଲନଦୀ ଓ ମହାନଦୀ କୂଳରେ ନୂତନ ଭାବେ ରିଂ ରୋଡ ନିର୍ମାଣ ହୋଇଛି । ରିଂ ରୋଡରେ ସହରବାସୀ ପ୍ରାତଃଭ୍ରମଣ କରୁଛନ୍ତି । ସୁବର୍ଣ୍ଣମେରୁ ଓ ରାମେଶ୍ୱର ଶୈବ ମନ୍ଦିରକୁ ଯାଉଛନ୍ତି। କିନ୍ତୁ ରାସ୍ତା ପାର୍ଶ୍ୱ ତେଲ ନଦୀକୂଳରେ ଆବର୍ଜନା ଗନ୍ଧ ଯୋଗୁ ଲୋକେ ଯାତାୟାତ ପାଇଁ ଅମଙ୍ଗ ହେଉଛନ୍ତି। ଅନ୍ୟପକ୍ଷେ ସହର ପ୍ରବେଶ ପଥ ୫୭ ନଂ ଜାତୀୟ ରାଜପଥ ପାର୍ଶ୍ୱ ନଦୀକୂଳରେ ବେଆଇନ ଡମ୍ପିଂ ୟାର୍ଡ କରାଯିବା ଘଟଣାକୁ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି।

ଏହି ଘଟଣାକୁ ନେଇ ସୁବର୍ଣ୍ଣପୁରର ଯୁବ ସାମାଜିକ କର୍ମୀ ଘାସିରାମ ପଣ୍ଡା କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି), ସୁବର୍ଣ୍ଣପୁର ଜିଲାପାଳ ଓ ରାଜ୍ୟ ନଗର ଉନ୍ନୟନ ବିଭାଗକୁ ଶନିବାର ଫଟୋ ସହିତ ଟୁଇଟ୍ ଯୋଗେ ଦୃଷ୍ଟି ଆକର୍ଷଣ କରିଥିଲେ । କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତୁରନ୍ତ ଟୁଇଟ୍ ଅଭିଯୋଗକୁ ଗ୍ରହଣ କରି ଅଭିଯୋଗ ସଂଖ୍ୟା ସିପିସିବିଟିଡବ୍ଲ୍ୟୁ-୮୩୬୬ ମୂଳେ ଏକ ମାମଲା ରୁଜୁ କରିଛି। ଏଥିସହିତ ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ନେବାକୁ ସିପିସିବି ଦିଲ୍ଲୀ, ସୁବର୍ଣ୍ଣପୁର ମ୍ୟୁନିସିପାଲିଟିକୁ ନିର୍ଦ୍ଦେଶ ଦେଇଛି । ପ୍ରକାଶ ଯେ, ସହରର ୧୫ଟି ୱାର୍ଡରୁ ଦୈନିକ ୧୦ଟନ୍ ବର୍ଜ୍ୟବସ୍ତୁ ବାହାରି ଥାଏ । ଏହି ବର୍ଜ୍ୟବସ୍ତୁକୁ ଟ୍ରାକ୍ଟର ଯୋଗେ ନଦୀକୂଳ ଡମ୍ପିଂୟାର୍ଡରେ ବେଆଇନ ଭାବେ ପକାଯାଉଛି। ବର୍ଷା ହେଲେ ଏହି ବର୍ଜ୍ୟବସ୍ତୁ ନଦୀରେ ମିଶୁଛି। ସେହିପରି ସହରର ମଇଳା ଜଳ ଡ୍ରେନ୍ ଦ୍ୱାରା ସିଧାସଳଖ ମହାନଦୀର ବିଭିନ୍ନ ଘାଟରେ ମିଶୁଛି। ଏଥିଯୋଗୁଁ ନଦୀ ଜଳ ଜହର ହେଉଥିଲା ବେଳେ ପ୍ରଶାସନ କିମ୍ବା ମ୍ୟୁନିସିପାଲିଟି ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନି ।

## ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା




ବିଭିନ୍ନ ଯୋଜନାରୁ ବାଦ୍ ପଡିଥିବା ବ୍ୟକ୍ତିମାନେ ଅନଶନରେ ବସିଛନ୍ତି।

**ଲୋଇସିଂହା, ୩।୧୦(ଡି.ଏନ.ଏ.)**

### ସରକାରୀ ଯୋଜନାରେ ଅନିୟମିତତା

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଲିଉଡାର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ, ଗୋରୁ ଗୁହାଳ ଓ ବାର୍ଦ୍ଧକ୍ୟଭତ୍ତା ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହୋଇଛି । ଏ ସଂକ୍ରାନ୍ତରେ ବ୍ଲକ ଅଫିସଠାରୁ ଜିଲା ପ୍ରଶାସନ ଯାଏ ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ବିଭିନ୍ନ ଯୋଜନାରୁ ବାଦ୍ ପଡିଥିବା ପଞ୍ଚାୟତର କେତେକ ବ୍ୟକ୍ତି ଗାନ୍ଧୀ ଜୟନ୍ତୀରୁ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ କରିଥିବା ଅନଶନ ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଗୋଟିଏ ପରିବାରର ଏକାଧିକ ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଉଛି। ବୁରୋମୁଣ୍ଡା ଗ୍ରାମର କଳାକାହ୍ନୁ ସାହୁଙ୍କୁ ୩ ବର୍ଷ ତଳେ ପଞ୍ଚାୟତ ପକ୍ଷରୁ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ହେଲେ ସେହି କାର୍ଯ୍ୟାଦେଶରେ ସଂଖ୍ୟା କିମ୍ବା ତାରିଖ ଉଲ୍ଲେଖ ନ ଥିବାରୁ ହିତାଧିକାରୀଙ୍କୁ ଭୁଆଁ ବୁଲାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାବାଦ୍ ସୁଶେଣ ବିଶ୍ୱାଳ ଓ କାର୍ତ୍ତିକ ବିଶ୍ୱାଳଙ୍କ ମୃତ୍ୟୁ ପରେ ବାର୍ଦ୍ଧକ୍ୟ ଭତ୍ତା ମଞ୍ଜୁର ହେବାକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ଏ ନେଇ ଅସନ୍ତୋଷ ପରେ ଗତ ସେପ୍ଟେମ୍ବର ୧୪ରେ ପଞ୍ଚାୟତର କେତେଜଣ ଅଧିବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଅନିୟମିତତାର ତଦନ୍ତ ଦାବି କରିଥିଲେ। ହେଲେ ତଦନ୍ତରେ ଶୀଥିଳତା ଯୋଗୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଗାନ୍ଧୀ ଜୟନ୍ତୀରୁ ଅନଶନ କରିବାକୁ ନିଷ୍ପତ୍ତି କରାଯାଇଥିଲା। ଏଥିପୂର୍ବରୁ ଅନଶନକାରୀମାନେ ବୁରୋମୁଣ୍ଡାରୁ ରାଲିରେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ।

## ସଂକ୍ଷେପରେ

### ଗ୍ରାମ୍ୟ କୃଷି କର୍ମଚାରୀ ନିଲମ୍ବିତ

**ରେଢ଼ାଖୋଲ,୩।୧୦(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଢାଖୋଲ କୃଷି ଜିଲା ଅଧୀନ ତ୍ରିବଣପୁର ପଞ୍ଚାୟତରେ କାର୍ଯ୍ୟରତ ଗ୍ରାମ୍ୟ କୃଷି କର୍ମଚାରୀ ବିଶ୍ୱାମିତ୍ର ସାହୁଙ୍କୁ ନିଲମ୍ବିତ କରାଯାଇଛି। ରେଢାଖୋଲ ବ୍ଲକ ତ୍ରିବଣପୁର ପଞ୍ଚାୟତର ଖଣ୍ଡାମ ଗ୍ରାମର ଚାଷୀମାନେ ଏକ୍ସପାଏରି ଓ ପୋକଲଗା ମୁଗ ବିହନ ଯୋଗାଇ ଦିଆଯାଇଥିବା ନେଇ କୃଷି ଅଧିକାରୀଙ୍କ ନିକଟରେ ଗତ ୨୭ ତାରିଖ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ରେଢାଖୋଲ ସହକାରୀ କୃଷି ଅଧିକାରୀ ଗଗନ ବିହାରୀ ନାଏକ ୨୯ ତାରିଖ ଖଣ୍ଡାମ ଗ୍ରାମକୁ ଯାଇ ଘଟଣାର ତଦନ୍ତ କରିଥିଲେ। ଏଥିସହ ସେ ଚାଷୀମାନଙ୍କ ସହ ଆଲୋଚନା କରି ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ୩୦ ତାରିଖ ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ରାୟ ତଦନ୍ତ କରିଥିଲେ। ଏହାପରେ ଗ୍ରାମ୍ୟ କୃଷି କର୍ମଚାରୀ ସାହୁଙ୍କୁ ନିଲମ୍ବିତ କରାଯାଇଛି।

### ନାଳରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ସୁନ୍ଦରଗଡ, ୩।୧୦(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅଧୀନ ଲିପଲୋଇ ନାଳରୁ ପୋଲିସ ଜଣେ ମହିଳାଙ୍କ ମୃତଦେହକୁ ଉଦ୍ଧାର କରିଛି । ମୃତ ମହିଳା ଜଣକ ହେଲେ ଲିପଲୋଇ ଗ୍ରାମର ବଳରାମ ଘୋଷଙ୍କ ସ୍ତ୍ରୀ ଅଞ୍ଜନା ଘୋଷ (୪୮)। ଶନିବାର ସେ ନାଳକୁ ଗାଧୋଇବାକୁ ଯାଇଥିଲେ । ହେଲେ ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ । ନାଳକୁ ଯାଇ ଦେଖିଲା ବେଳକୁ ସେ ଭାସୁଥିବା ଦେଖିଥିଲେ। ପଡୋଶୀଙ୍କ ସହିତ ମିଶି ପରିବାର ଲୋକେ ଅଞ୍ଜନାଙ୍କ ମୃତଦେହ ପାଣିରୁ ବାହାର କରିଥିଲେ । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ସକାଶେ ମୃତଦେହକୁ ରାଜଗାଙ୍ଗପୁର ଡାକ୍ତରଖାନାକୁ ପଠାଇଛି।

### ସୁସ୍ଥ ରହିବାକୁ ଏନ୍‌ଏସି କର୍ମଚାରୀଙ୍କୁ ଯୋଗ ତାଲିମ

**ରେଢାଖୋଲ,୩।୧୦(ଡି.ଏନ.ଏ.)** ସମ୍ବଲପୁର ଜିଲା ରେଢାଖୋଲ ଏନ୍‌ଏସି ପକ୍ଷରୁ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ କଲ୍ୟାଣମଣ୍ଡପଠାରେ ଯୋଗ ପ୍ରଶିକ୍ଷକ ସୁବାଷଚନ୍ଦ୍ର ପ୍ରଧାନ କର୍ମଚାରୀମାନଙ୍କୁ ସୁସ୍ଥ ରହିବାକୁ ଯୋଗ ପ୍ରଶିକ୍ଷଣ ଦେଇଥିଲେ। କର୍ମଚାରୀମାନେ ଶୋଭାଯାତ୍ରାରେ ରେଢାଖୋଲ ସହର ପରିକ୍ରମା କରିଥିଲେ। ସେମାନେ ମହାମାରୀ କରୋନା ଉପରେ ଜନସାଧାରଣଙ୍କୁ ସଚେତନ କରିବା ସହିତ ସରକାର ଜାରି କରିଥିବା ବିଭିନ୍ନ ନିର୍ଦ୍ଦେଶାବଳୀକୁ ମାନି ଚଳିବାକୁ ସଚେତନ କରିଥିଲେ। ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଭାରତୀ ପ୍ରଗଣିଆ, କନିଷ୍ଠ ଯନ୍ତ୍ରୀ ଜାହେଦା ପରବିନ, ସକୁନ୍ତଳା ବେହେରା, ବୀରେନ୍ଦ୍ର ପୁରୋହିତ, ବୀରେନ ପାତ୍ର, ନିଳାମ୍ବର ପ୍ରଧାନ, ଅଜୟ ଦେହୁରୀ, ଅମିତାଭ ପାଣିଗ୍ରାହୀଙ୍କ ସମେତ କର୍ମଚାରୀମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

### ରୋଗୀଙ୍କୁ ଖାଦ୍ୟ ବଣ୍ଟନ

**କୁଆଁରମୁଣ୍ଡା,୩।୧୦(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଛି। ଡୁମେରଯୋର ସମିତି ସଭ୍ୟ ରାଜେନ୍ଦ୍ର କୁଜୁର, ବ୍ଲକ ବିଜେଡି ସଭାପତି ରାଜେଶ ହାସଁଦା, ଜିଲା ପରିଷଦ ସଭ୍ୟା ସୁନିତା ଅହିର, ରାଜେଶ ଖାଲଖୋ ,ବ୍ଲକ ଯୁବ ବିଜେଡ଼ି ସଭାପତି ସାଗର କୁଅଁର ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରୋଗୀମାନଙ୍କୁ ଫଳ ଓ ବସ୍କୁଟ ବଣ୍ଟନ କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ ଏଥିରେ ସହାୟତା କରିଥିଲେ।

### ହାଥରସ ପୀଡ଼ିତାଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

**ବରପାଲି, ୩।୧୦ (ଡି.ଏନ.ଏ.):** ବରଗଡ ଜିଲା ବରପାଲି ଗାନ୍ଧୀଛକଠାରେ ଯୁବ କଂଗ୍ରେସ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଅଭିଷେକ ସେଠଙ୍କ ନେତୃତ୍ୱରେ କର୍ମୀମାନେ ଉତ୍ତରପ୍ରଦେଶ ହାଥରସରେ ଦଳିତ ବର୍ଗର ଜଣେ ଯୁବତୀଙ୍କୁ ଗଣବଳାତ୍କାର ପରେ ହତ୍ୟା ଘଟଣାର ପ୍ରତିବାଦ କରି ଧାରଣା ଦେଇଥିଲେ । ଗାନ୍ଧୀ ପ୍ରତିମୂର୍ତ୍ତିରେ ମହମବତୀ ଜାଳି ମୃତ ପୀଡିତାଙ୍କୁ ଉଚିତ ନ୍ୟାୟ ଦେବାକୁ ଦାବି କରିଥିଲେ।

# ଟଙ୍କା ଫେରସ୍ତ ଦାବିରେ ଗର୍ଜିଲେ ଜମାକାରୀ




ସିଂହାମୁଣ୍ଡା ପଞ୍ଚାୟତ ପରିସରରେ ଜମାକାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ଦେଓଗାଁ,୩।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିଂହାମୁଣ୍ଡା ପଞ୍ଚାୟତ ପରିସରରେ ଶନିବାର ଆର୍ଥିକ ସଂସ୍ଥା ମିଳିତ ମହାମଞ୍ଚର ଆହ୍ୱାନକ୍ରମେ ସ୍ଥାନୀୟ ପଞ୍ଚାୟତର ଜମାକାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ରାଜ୍ୟ ସରକାର। ହେଲେ ଏହି ଘୋଷଣା କାର୍ଯ୍ୟକାରୀ ହେଲାନାହିଁ। ତେଣୁ ତୁରନ୍ତ ଟଙ୍କା ଫେରସ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସରପଞ୍ଚ ମାଲି ମେଶ୍ରାଙ୍କୁ ପ୍ରଦାନ କରାଯାଇଛି। ବ୍ଲକ ସଂଯୋଜକ ସୁରଥ ଧରୁଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାମଞ୍ଚ ରାଜ୍ୟ ଉପସଭାପତି ତଥା ଜିଲା ସଭାପତି ବିଭୁଦତ୍ତ ମିଶ୍ର, ଜିଲା ଉପସଭାପତି ଲଳିତ ଦୀପ ପ୍ରମୁଖ ଯୋଗଦେଇଥିଲେ । ଗ୍ରାମାଞ୍ଚଳର ଜନସାଧାରଣ ତାଙ୍କ କଷ୍ଟୋପାର୍ଜିତ ଅର୍ଥକୁ ସରକାରୀ ସ୍ୱୀକୃତିପ୍ରାପ୍ତ ସଂସ୍ଥା ଭାବି ବିଭିନ୍ନ ସଂସ୍ଥାରେ ସଞ୍ଚୟ କରିଥିଲେ । ସଞ୍ଚୟ ଟଙ୍କା ଫେରସ୍ତ ପାଇବା ପୂର୍ବରୁ ସରକାର ଉକ୍ତ ଚିଟ୍‌ଫଣ୍ଡ ସଂସ୍ଥାଗୁଡ଼ିକୁ ସିଲ୍ କରିଦେଲେ । ତଦନ୍ତ କମିଶନ ବସାଇ ଏକ କର୍ପସ ପାଣ୍ଠି ଗଠନ କରାଗଲା । ସମସ୍ତ ଜମାକାରୀଙ୍କୁ ଶପଥ ପାଠ ଦାଖଲ କରିବାକୁ କୁହାଗଲା। ହେଲେ କରୋନା କଟକଣା ପରେ ଏ ଦିଗରେ ସରକାରଙ୍କ ପକ୍ଷରୁ ଆଉ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ତେଣୁ ସରକାରଙ୍କ ଉପରେ ଚାପ ସୃଷ୍ଟି ପାଇଁ ପର୍ଯ୍ୟାୟକ୍ରମେ ବ୍ଲକର ସମସ୍ତ ପଞ୍ଚାୟତରେ ଧାରଣା ଓ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ଜାରି ରହିବ ବୋଲି ବିକ୍ଷୋଭ ସମାବେଶରେ ଉପସ୍ଥିତ ସୁନ୍ଦର ବଗର୍ତ୍ତି, ନବ କୁମାର, ଶ୍ୟାମସୁନ୍ଦର ବଗର୍ତ୍ତି ପ୍ରମୁଖ ସୂଚନା ଦେଇଛନ୍ତି।

## ହାଥରସ ଗଣବଳାତ୍କାର ଘଟଣାର ପ୍ରତିବାଦ

**ସମ୍ବଲପୁର, ୩।୧୦ (ବ୍ୟୁରୋ)**

ଉତ୍ତରପ୍ରଦେଶ ହାଥରସ୍ ଗଣବଳାତ୍କାର ଘଟଣାରେ ସମ୍ବଲପୁର ଜିଲା କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ କରିଛି । ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥଙ୍କ କୁଶପତ୍ତଳିକା ଦାହ କରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ପୀଡିତାଙ୍କ ପରିବାରକୁ ଭେଟିବା ଲାଗି ଯାଉଥିବା ବେଳେ ପୋଲିସ ତାଙ୍କୁ ଧକ୍କା ମାରିବା ସହ ଦୁର୍ବ୍ୟବହାର କରିଥିଲା। ଏହି ଘଟଣାକୁ ଜିଲା କଂଗ୍ରେସ ନିନ୍ଦା କରିଛି । ଜିଲା କଂଗ୍ରେସ କମିଟି ସଭାପତି ତଥା ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁଙ୍କ ନେତୃତ୍ୱରେ ଲକ୍ଷ୍ମୀଟକିଜ ଛକଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦୁଲାଲ ଚନ୍ଦ୍ର ପ୍ରଧାନ, ନିରଞ୍ଜନ ତ୍ରିପାଠୀ, ସୁତାପା ମିତ୍ର, ଆଶୁତୋଷ ସ୍ୱାଇଁ, ତ୍ରିଲୋଚନ ପୁରୋହିତ, ଦୀନବନ୍ଧୁ ପରିଡା, ବିଜୟଲକ୍ଷ୍ମୀ ବେହେରା, ମହମ୍ମଦ ଅକବର୍ ଚୌଧୁରୀ, ମହମ୍ମଦ ମୁଖ୍ତାର, ସରୋଜ ମିଶ୍ର, ଅଶୋକ ସୋନୀ, ଟିଙ୍କୁ ସିଂ, ପ୍ଲାବନ ବହିଦାର, ମହମ୍ମଦ ହସିମ୍ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ଜିଲା ପ୍ରଶାସନର କୋଭିଡ୍ ବୁଲେଟିନ୍

**ବଲାଙ୍ଗୀର ଅଫିସ, ୩।୧୦**

ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା କୋଭିଡ ବୁଲେଟିନ୍ ମାଧ୍ୟମରେ ଜିଲାର କୋଭିଡ ସ୍ଥିତି ଓ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି । ବଲାଙ୍ଗୀର କିସ୍ କୋଭିଡ ହସ୍ପିଟାଲରେ ଆଉ ୧୦ଟି ଆଇସିୟୁ ସମ୍ପ୍ରସାରଣ କରାଯାଇଥିବା ଓ ତିନିଜଣ ଭେଷଜ ବିଶେଷଜ୍ଞଙ୍କ ସହ ସମୁଦାୟ ୫ଜଣ ଡାକ୍ତରଙ୍କୁ ନିୟୋଜିତ କରାଯାଇଛି । କୋଭିଡ ହସ୍ପିଟାଲରେ ଭେଷଜ ବିଶେଷଜ୍ଞ ନଥିବାରୁ କୋଭିଡ ରୋଗୀଙ୍କ ସୁଚାରୁ ଚିକିତ୍ସା ହେଉ ନ ଥିବା ଓ କେତେକ ଯୁବକଙ୍କ ମୃତ୍ୟୁ ଘଟିଥିବା ନେଇ କିଛି ଦିନ ପୂର୍ବରୁ ଅଭିଯୋଗ ହୋଇଥିଲା । ଜିଲାରେ ସପ୍ତାହକ ଭିତରେ ୯୫୦୦ ଟେଷ୍ଟ କରାଯାଇଛି । ସେଥିରେ ୫ ପ୍ରତିଶତ କୋଭିଡ ରୋଗୀ ରହିଛନ୍ତି। ୭୭୪ ସକ୍ରିୟ ମାମଲା ରହିଛି । ୮୩ ପ୍ରତିଶତ ଆରୋଗ୍ୟ ହାର ରହିଛି। ଜିଲାର ଦୁଇଟି ମ୍ୟୁନିସିପାଲିଟି ଓ ୩ଟି ଏନ୍‌ଏସିରେ ଘରକୁ ଘର ସର୍ଭେ କରାଯାଉଥିବା ସୂଚନା ଦେଇଛନ୍ତି। ଏଥିରେ ଗତ ସପ୍ତାହେ ଭିତରେ ୨୫ ହଜାର ୯୪୭ଟି ପରିବାରର ପ୍ରାୟ ୧ ଲକ୍ଷ ୬ ହଜାର ୭୬୬ ଜଣ ଲୋକଙ୍କ ସ୍ୱାସ୍ଥ୍ୟ ସର୍ଭେ କରାଯାଇଥିବା ସୂଚନା ଦେଇଛନ୍ତି । ଇତିମଧ୍ୟରେ ଜିଲାରେ ଆରୋଗ୍ୟ ଲାଭ କରିଥିବା କୋଭିଡ ରୋଗୀଙ୍କୁ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ଓ ବଲାଙ୍ଗୀର ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟ ପରାମର୍ଶକ୍ରମେ ୧ ହଜାର ଆୟୁର୍ବେଦିକ ପୋଷ୍ଟ କୋଭିଡ କିଟ୍ ବଣ୍ଟନ କରାଯାଇଥିବା ଜିଲାପାଳ ରାଣା ସୂଚନା ଦେଇଛନ୍ତି।

## ଦୁଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ବଲାଙ୍ଗୀର ଅଫିସ, ୩।୧୦**

- ଆକ୍ରମଣକାରୀ ଫେରାର
- ପୂର୍ବ ଶତ୍ରୁତାରୁ ଆକ୍ରମଣ ସନ୍ଦେହ

ବଲାଙ୍ଗୀର ସହର କଦମପଡା ମୁଖ୍ୟ ରାସ୍ତାକଡରେ ଥିବା ବିଦେଶୀ ମଦଦୋକାନ ସମ୍ମୁଖରେ ଶନିବାର ଅପରାହ୍ଣରେ ୨ଜଣ ଯୁବକଙ୍କୁ ୧୦ରୁ ୧୨ ଜଣ ଯୁବକ ଅତର୍କିତ ଆକ୍ରମଣ କରିଥିଲେ। ଆକ୍ରମଣ ପରେ ଉଭୟେ ମଦଦୋକାନ ସମ୍ମୁଖରେ ସଜ୍ଞାହୀନ ହୋଇ ପଡିଥିଲେ। ସେମାନେ ହେଲେ ଗାନ୍ଧୀନଗରପଡାର ତୁଷାର ଓରଫ୍ ଟୁନା ପାଢ଼ୀ(୨୫) ଓ ଇନ୍ଦିରା ନଗରର ଗରିବ ପାଣ୍ଡେ (୨୬)। ଉଭୟଙ୍କୁ ଗୁରୁତର ଅବସ୍ଥାରେ ପୋଲିସ ପିସିଆର ଟିମ୍ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଭିମସାର ସ୍ଥାନାନ୍ତର କରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ଟାଉନ୍ ଥାନା ଆଇଆଇସି ସଂଗ୍ରାମ କେଶରୀ ପଟ୍ଟନାୟକଙ୍କୁ ପଚରାଯିବାରୁ ପୂର୍ବଶତ୍ରୁତାରୁ ଦୁଇ ଯୁବକଙ୍କୁ ଅନ୍ୟ କେତେକ ମାରଣାସ୍ତ୍ରରେ ଆକ୍ରମଣ କରିଛନ୍ତି । ସେମାନେ ଫେରାର ହୋଇଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି । ତେବେ ଏହି ଘଟଣାରେ କୌଣସି ଅଭିଯୋଗ ହସ୍ତଗତ ହୋଇନାହିଁ ବୋଲି ସେ ସୂଚନା ଦେଇଛନ୍ତି।

## ଗୋ ହତ୍ୟାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ

**ବଲାଙ୍ଗୀର ଅଫିସ, ୩।୧୦**

ଗୋ ହତ୍ୟାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ବଲାଙ୍ଗୀର ବଜରଙ୍ଗ ଦଳ ତରଫରୁ ଶନିବାର ଚନ୍ଦନଭାଟି ଫାଣ୍ଡି ଘେରାଉ କରାଯାଇଥିଲା। ଗତ ୨୬ ତାରିଖ ଖଲିଆପାଲିଠାରେ ଏକ ଗାଈକୁ ହତ୍ୟା କରାଯାଇ ତାର ମାଂସ ରପ୍ତାନୀ ଉଦ୍ୟମ କରାଯାଇଥିଲା। ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ତରଫରୁ ସଦର ଥାନାକୁ ଖବର ଦିଆଯାଇଥିଲା। ପୋଲିସ ଗୋମାଂସ ସହ ଜଣଙ୍କୁ ଗିରଫ କରିଥିଲା। ଅନ୍ୟମାନେ ଫେରାର ହୋଇଯାଇଥିଲେ। ପରିଷଦର ପଶ୍ଚିମ ଓଡିଶା ସଭାପତି ଏସ୍‌ପିଙ୍କୁ ଏକ ଦାବିପତ୍ର ଦେଇଥିଲେ । ଘଟଣାକୁ ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ କରିବା ପ୍ରତିବାଦରେ ଶନିବାର ଚନ୍ଦନଭାଟି ଫାଣ୍ଡି ଘେରାଉ କରାଯାଇଥିଲା । ବଜରଙ୍ଗ ଦଳ ଜିଲା ସଂଯୋଜକ ଅନ୍ତର୍ଯ୍ୟାମୀ କରନ୍, ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ଓଡିଶା ସଭାପତି ନୀଳାଦ୍ରୀ ବିହାରୀ ଯୋଷୀ, ସୌମ୍ୟରଞ୍ଜନ ମିଶ୍ର, ସୁବାଶିଷ ବଘାର, ରଜତ ତ୍ରିପାଠୀ ଏହି ସମୟରେ ଉପସ୍ଥିତ ଥିଲେ।



ବଜରଙ୍ଗ ଦଳ ତରଫରୁ ଚନ୍ଦନଭାଟି ଫାଣ୍ଡି ଘେରାଉ କରାଯାଇଛି ।

## ଚଞ୍ଚକତା କରି ଜମି ବିକ୍ରି, ଅଭିଯୁକ୍ତ ଗିରଫ

**କୁଚିଣ୍ଡା, ୩।୧୦(ଡି.ଏନ.ଏ.)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ୍ ବୁରୋଡିହି ଗ୍ରାମର ସଞ୍ଜିତ କୁମାର ପଟେଲ ନାମକ ଜଣେ ବ୍ୟକ୍ତି ଚଞ୍ଚକତା କରି କେତେକ ବ୍ୟକ୍ତିଙ୍କ ଜମିକୁ ବିକି ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ତାଙ୍କୁ ଗିରଫ କରିଛି। କିଛି ଦିନ ଆଗରୁ ମୂଳ ଜମି ମାଲିକମାନେ ଆରଆଇ ଅଫିସକୁ ନିଜ ଜମିର ଖଜଣା ପୈଠ ପାଇଁ ଯାଇଥିଲେ। ହେଲେ ସେମାନଙ୍କ ନାମରେ ଜମି ନାହିଁ, ବିକ୍ରି ହୋଇ ସାରିଛି ବୋଲି ଶୁଣି ଆଶ୍ଚର୍ଯ୍ୟ ହୋଇଥିଲେ। କୁଚିଣ୍ଡା ତହସିଲ ଅଫିସରୁ କାଗଜପତ୍ର ବାହାର କରି ଯାଞ୍ଚ କରିବାରୁ ଜମି ବିକ୍ରି ହୋଇଯାଇଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ସେମାନେ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏକ ମାମଲା ରୁଜୁ କରିଛି।

## କଫ ସିରପ କାରବାର ଠାବ, ୫ଗିରଫ

**ବରଗଡ଼ ଅଫିସ,୩।୧୦**

ବରଗଡ଼ ଟାଉନ ଥାନା ପୋଲିସ ଶୁକ୍ରବାର ରାତିରେ କଫ୍ ସିରପ୍ କାରବାର ଠାବ କରିଛି। ଏହି କାରବାରରେ ବ୍ୟବହୃତ ୨ଟି ଚାରିଚକିଆ ଗାଡ଼ି ସମେତ ବିପୁଳ ପରିମାଣରେ କଫ୍ ସିରପ୍, ନିଶା ବଟିକା ଜବତ୍ ହୋଇଛି । ଏହା ସହିତ ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର କଂସାରୀପଡ଼ାର ସନ୍ତୋଷ କୁମାର ମେହେର, ଭାଲେର ଗ୍ରାମର ଶ୍ରୀକାନ୍ତ ନାୟକ, ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ-୧୧ର ଏମଡ଼ି ନିଶାଦ, ନୌସଦ ଖାଁ ଓ ସରୋଜ ଭୁଏ । ସେମାନଙ୍କ ବିରୋଧରେ ଟାଉନ ଥାନାରେ ଏକ ମାମଲା(ନଂ.୪୧୨/୨୦) ରୁଜୁ କରି ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି । ଏ ନେଇ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ ସୂଚନା ଦେଇ କହିଛନ୍ତି, ଶୁକ୍ରବାର ରାତ୍ରି ପ୍ରାୟ ୯ଟାରେ ଅଭିଯୁକ୍ତମାନେ ବରଗଡ଼ ଗୋରୁମାର୍କେଟ ଅଞ୍ଚଳରେ ନିଶା କାରବାର ଚଳାଇଥିଲେ । ଖବର ପାଇ ପୋଲିସ ସେଠାରେ ଅତର୍କିତ ଚଢ଼ାଉ କରିଥିଲା । ଚଢ଼ାଉରେ ଅଭିଯୁକ୍ତଙ୍କ ପାଖରୁ ୧୧୭୦ ବୋତଲ କଫ୍ ସିରପ୍, ୨ଟି ଜାରକିନ୍‌ରେ ଥିବା ମିଶ୍ରିତ କଫ୍ ସିରପ୍, ୫ଷ୍ଟ୍ରିପ ନିଶା ବଟିକା ଏବଂ ବ୍ୟବହୃତ ବୋଲେରୋ(ନଂ-ଓଡ଼ି୦୩ଇ ୨୫୪୭), ଟାଟା ଟିଆଗୋ(ନଂ-ଓଡ଼ି୦୧ଟି ୩୭୪୪) ଜବତ୍ ହୋଇଥିବା ଆଇଆଇସି ପୂଜାହାରୀ ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ ହାଜର କରିଛି ।

# ଘରେ ପଶି ମହିଳାଙ୍କୁ ପୋଲିସର ଦୁର୍ବ୍ୟବହାର

**ବରଗଡ଼ ଅଫିସ/ବିଜେପୁର,୩।୧୦**

- ପୋଲିସ ଏସ୍‌ଆଇଙ୍କ ସମେତ ୪ଜଣଙ୍କ ବିରୋଧରେ ମାମଲା
- ଶୋଇବା ଘରେ ପଶି ଫିଙ୍ଗା ଫୋପଡା
- ପଦ୍ମପୁର ଏସ୍‌ଡ଼ିପିଓଙ୍କ ତଦନ୍ତ ଆରମ୍ଭ
- ଅନ୍ୟ ଏକ ମାମଲାରେ ଗିରଫ ହେଲେ ମହିଳାଙ୍କ ସ୍ୱାମୀ

ବରଗଡ଼ ଜିଲା ବିଜେପୁର ଥାନା ଟେଙ୍ଗ୍ରା ଗ୍ରାମରେ ଶୁକ୍ରବାର ରାତିରେ ପୋଲିସ ଘରେ ପଶି ଜଣେ ମହିଳାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ସହିତ ଆସବାବପତ୍ର ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଏ ନେଇ ଶନିବାର ମହିଳା ଜଣକ ବିଜେପୁର ଥାନାରେ ଏତଲା ଦେଇଛନ୍ତି । ତାଙ୍କ ଏତଲାକୁ ଭିତ୍ତି କରି ବିଜେପୁର ଥାନାର ପୋଲିସ ସବ୍ ଇନ୍ସପେକ୍ଟର(ଏସଆଇ) ସୁନୀଲ କୁମାର ଦୋରାଙ୍କ ସମେତ ଅନ୍ୟ ୨ଜଣ ପୋଲିସ କର୍ମଚାରୀ ଏବଂ ଆଉ ୨ଜଣ ଅଜଣା ବାଇକ୍ ଚାଳକଙ୍କ ବିରୋଧରେ ଦଫା ୪୫୨, ୪୨୭, ୨୯୪, ୩୫୪, ୫୦୬, ୩୪ରେ ଏକ ମାମଲା(ନଂ.୨୦୮/୨୦) ରୁଜୁ ହୋଇଛି। ଘଟଣାସ୍ଥଳକୁ ପଦ୍ମପୁର ଏସ୍‌ଡ଼ିପିଓ ପ୍ରଦୀପ କୁମାର ସାହୁ, ବିଜେପୁର ଥାନା ଆଇଆଇସି ରାଜେନ୍ଦ୍ର ସିଆଳ ପ୍ରମୁଖ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ପଦ୍ମପୁର ଏସ୍‌ଡ଼ିପିଓ ପ୍ରଦୀପ କୁମାର ସାହୁଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୮୯୧୬୭୧୬ରେ ଯୋଗାଯୋଗ କରିବାରୁ ସେ ଫୋନ୍ ରିସିଭ୍ କରି ନ ଥିଲେ। ତେବେ ବିଜେପୁର ଥାନା ଆଇଆଇସି ରାଜେନ୍ଦ୍ର ସିଆଳଙ୍କୁ ପଚାରିବାରୁ ସେହି ଘଟଣାର ତଦନ୍ତ ଚାଲିଛି ବୋଲି କହିଥିଲେ। ଅପରପକ୍ଷେ ଜଣେ ଡ୍ରାଇଭରଙ୍କ ଏତଲାକ୍ରମେ ରୁଜୁ ହୋଇଥିବା ଅନ୍ୟ ଏକ ମାମଲା(ନଂ.୨୦୭/୨୦)ରେ ପୋଲିସ ସବଇନ୍ସପେକ୍ଟରଙ୍କ ବିରୋଧରେ ଏତଲା ଦେଇଥିବା ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରାଯାଇଛି ବୋଲି ସେ ପ୍ରକାଶ କରିଥିଲେ ।

ଅଭିଯୋଗ ଅନୁସାରେ, ଶୁକ୍ରବାର ରାତ୍ରି ପ୍ରାୟ ସାଢ଼େ ୧୦ଟାରେ ଏସଆଇ ଦୋରା, ୨ଜଣ ପୋଲିସ କନେଷ୍ଟବଳ ଏବଂ ଅନ୍ୟ ଦୁଇ ବାଇକ୍ ଚାଳକ ସମ୍ପୃକ୍ତ ମହିଳାଙ୍କ ଘରେ ପହଞ୍ଚି କବାଟ ବାଡ଼େଇଥିଲେ। ଏସଆଇ ଦୋରା ତାଙ୍କ ପରିଚୟ ଦେବା ପରେ ମହିଳା ଜଣକ କବାଟ ଖୋଲିଥିଲେ। ଏହାପରେ ସେମାନେ ଘର ଭିତରେ ପଶି ତାଙ୍କ ସ୍ୱାମୀ କେଉଁଠି ଅଛନ୍ତି ବୋଲି ମହିଳାଙ୍କୁ ପଚାରିଥିଲେ। ଶ୍ୱଶୁରଙ୍କ ଦେହ ଅସୁସ୍ଥ ଥିବା ଯୋଗୁ ସ୍ୱାମୀ ବାହାରକୁ ଯାଇଛନ୍ତି ବୋଲି ସେ କହିଥିଲେ। ଏଥିରେ ରାଗିଯାଇ ଏସଆଇ ଦୋରା ଏବଂ ତାଙ୍କ ସହିତ ଆସିଥିବା ଅନ୍ୟ ୪ଜଣ ଘରେ ଥିବା ବିଭିନ୍ନ ଆସବାବପତ୍ର, ବେଡ୍‌ରୁମରେ ଭଙ୍ଗାରୁଜା, ଫିଙ୍ଗା ଫୋପଡ଼ା କରିଥିବା ଅଭିଯୋଗ ହୋଇଛି। ତେବେ ସେତେବେଳେ ସେମାନଙ୍କ ସାଥିରେ କୌଣସି ମହିଳା ପୋଲିସ କର୍ମଚାରୀ ଉପସ୍ଥିତ ନଥିଲେ। ଏସଆଇ ଦୋରାଙ୍କ ସହିତ ଆସିଥିବା ୨ଅଜଣା ଯୁବକ ଓଡ଼ି୧୫ଡି ୭୧୨୨ ଏବଂ ଓଡ଼ି୧୭ଇ ୨୪୬୩ ନମ୍ବର ବିଶିଷ୍ଟ ୨ଟି ବାଇକ୍ ଯୋଗେ ଆସିଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ, ସମ୍ପୃକ୍ତ ମହିଳାଙ୍କୁ ସେମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଦୁର୍ବ୍ୟବହାର କରିଥିବା ଏବଂ ତାଙ୍କ ସ୍ୱାମୀଙ୍କୁ ଗୁଳି କରି ଜୀବନରେ ମାରିଦେବାକୁ ଧମକ ଦେଇଥିବା ସେ ଅଭିଯୋଗ କରିଛନ୍ତି ।

